MANTHAN

ମନ୍ଥନ

# ବହୁ ଇନ୍‌ଭେଷ୍ଟମେଣ୍ଟ ଯୋଜନା ସହ ଇନ୍‌ଭେଷ୍ଟ ଭୁବନେଶ୍ୱର ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର,୨୧।୧୨: ତିନି ଦିନ ଧରି ଚାଲିଥିବା ଏକ ବିଶ୍ୱବ୍ୟାପି ଇନ୍‌ଭେଷ୍ଟ ଭୁବନେଶ୍ୱରରେ ଆନ୍ତର୍ଯାତୀୟ ସମ୍ମିଳନୀ ଆଜି ରାଜ୍ୟରେ ଅନେକ ବ୍ୟବସାୟିକ ଯୋଜନା ଓ ଓଡ଼ିଆ ଶିଳ୍ପଦ୍ୟୋଗି ଏବଂ ଆନ୍ତର୍ଯାତୀୟ ଶିଳ୍ପପତି ମାନଙ୍କ ମଧ୍ୟରେ ଗଠବନ୍ଧନ ସ୍ଥାପନ ସହିତ ଶେଷ ହୋଇଛି ।

ତାଇୱାନର ନ୍ୟୁଲାଇଟ କର୍ପୋରେସନ୍ ଚେୟାରମ୍ୟାନ ଶ୍ରୀଯୁକ୍ତ ଏସ୍.ଏସ୍ ଲିନ୍ କହିଛନ୍ତି ଯେ, କମ୍ପାନୀ ପକ୍ଷରୁ ୨୦୦ ନିୟୁତ ଡଲାର ବିନିଯୋଗରେ ଏକ ଲାଇଟ ଇମିଟିଙ୍ଗ୍ ଡାଓଡ୍ (ଏଲ.ଇ.ଡି) ଉତ୍ପାଦନ କାରଖାନା ସ୍ଥାପନ ଯୋଜନା କରିଛି । ଯାହା ବହୁ କମ୍ ମୂଲ୍ୟରେ ମିଳିବା ସହିତ ଏହା ବହୁତ ଶକ୍ତି ସଂରକ୍ଷଣ ମଧ୍ୟ କରିଥାଏ। ଏହା ଘରୋଇ ଲାଇଟ ସହିତ ଷ୍ଟ୍ରିଟ ଲାଇଟ ତିଆରି କରିବ ।

ଏହି ଅବସରରେ ରୁସାପ ସିପ ଇଣ୍ଟରନ୍ୟାସନାଲର ଅଧ୍ୟକ୍ଷ ଶ୍ରୀଯୁକ୍ତ ରଶ୍ମିକାନ୍ତ କାମଦାର କହିଛନ୍ତି ଯେ, କମ୍ପାନୀ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ୧୦୦ କୋଟି ଟଙ୍କା ବିନିଯୋଗରେ ଏକ ପ୍ୟାସେଞ୍ଜର କମ୍ କାର୍ଗୋର ଯୋଜନାର ବ୍ୟବସ୍ଥା ରହିଛି ଯାହା ପୁରୀ ରୁ କୋଲକତା ପର୍ଯ୍ୟନ୍ତ ଚାଲିବ ଏବଂ ଏହା ବହୁ ଶିଘ୍ର କାର୍ଯ୍ୟକାରୀ ହେବ ବୋଲି ଯୋଜନା ଆଶା କରାଯାଉଛି ।

ସି.ଭି.ରମଣ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁଟ୍ ଏବଂ ବେଷ୍ଟ ଓ୍ୱେଷ୍ଟର୍ନ୍ ଗ୍ରୁପ୍‌ର ମିଳିତ ସହଯୋଗରେ ଓଡ଼ିଶାରେ ଏକ ହୋଟେଲ ମ୍ୟାନେଜମେଣ୍ଟ କଲେଜ୍ ଖୋଲିବାର ବ୍ୟବସ୍ଥା ରହିଛି । ଏହା ସମ୍ବନ୍ଧରେ ବେଷ୍ଟ ଓ୍ୱେଷ୍ଟନ୍‌ର ଅଧ୍ୟକ୍ଷ ଓ ସି.ଓ.ଓ ଶ୍ରୀଯୁକ୍ତ ସୁଧିର ସିହ୍ନା କହିଛନ୍ତି ଯେ, ବ□ମାନ ଭୁବନେଶ୍ୱର ଏକ ବୃହତ ବାଣିଜ୍ୟ ସଂସ୍ଥାନ ହେବାକୁ ଯାଉଛି ଯେଉଁଥିରେ ବହୁ ଦକ୍ଷ ଏବଂ ଅଭିଜ୍ଞ ପିଲାଙ୍କ ଆବଶ୍ୟକତା ରହିଛି । ଏହି ଅବସରରେ ମନ୍ତ୍ରୀ ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ, ଆସନ୍ତା ମଇ ୨୦୧୧ରେ ଓଡ଼ିଶା ସରକାର ଏବଂ ଇନ୍‌ଭେଷ୍ଟ ଭୁବନେଶ୍ୱର ସଦସ୍ୟଙ୍କୁ ନେଇ ଏକ ସିଲିକନ ଭ୍ୟାଲି ଗ୍ରସ୍ତରେ ଯିବେ । ସେହିପରି ଏହି ଡ଼େଲିଗେସନ୍ ଅନ୍ୟାନ ସ୍ଥାନ ଯେପରି ଡାଲାସ, ଦୁବାଇ, ସିଡନି, ତାଇପାଇ, ଇସରାଇଲ୍ ଆଦି ସ୍ଥାନ ଗୁଡ଼ିକ ଭ୍ରମଣ କରି ଇନ୍‌ଭେଷ୍ଟମେଣ୍ଟ ପ୍ରକ୍ରିୟାକୁ ତ୍ୱରାନିତ କରିବେ । ଇନ୍‌ଭେଷ୍ଟ ଭୁବନେଶ୍ୱରର ଏହି ସମ୍ମିଳନୀ ସମସ୍ତ ଇନ୍‌ଭେଷ୍ଟର ମାନଙ୍କୁ ଆକର୍ଷିତ କରିବା ସହିତ ସେମାନଙ୍କୁ ଏକ ନୂତନ ମଞ୍ଚ ଯୋଗାଇଥାଏ ବୋଲି ଇନ୍‌ଭେଷ୍ଟ ଭୁବନେଶ୍ୱରର କନ୍‌ଭେନର୍ ଶ୍ରୀଯୁକ୍ତ ଧନନ୍ଦା ମିଶ୍ର କହିଛନ୍ତି ।

Publication:Manthan
Headline:Invest Bhubaneswar ends with lots of Investments plan
Page:7
Date:22/12/10